# NATIONAL NEWS BULLETIN (ODIA)

**3 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରାଜସ୍ଥାନ ଓ ଗୁଜୁରାଟ ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଉଦ୍‌ଘାଟନ ।

- ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ଜାତୀୟ କର୍ମଶାଳା ।

- ଜାମ୍ମୁ-କାଶ୍ମୀରର ପହଲଗାମ ଓ ବାଲତାଲ ମାର୍ଗରୁ ଆରମ୍ଭ ହେଲା ଶ୍ରୀ ଅମରନାଥ ଯାତ୍ରା ।

- ପାକିସ୍ଥାନରେ ସଡ଼କ ଦୁର୍ଘଟଣାରେ ୪୦ଜଣଙ୍କ ମୃତ୍ୟୁ ।

ଏବଂ

- ଫିଫା ବିଶ୍ୱକପ୍‌ରେ ୨-୦ ଗୋଲ୍‌ରେ ଆଲ୍‌ଜେରିଆକୁ ପରାସ୍ତ କରି ରାଉଣ୍ଡ ୧୬ରେ ପହଞ୍ଚିଲା ସ୍ୱିଜରଲ୍ୟାଣ୍ଡ ।

# ପିଏମ୍-ଭିଜିଟ୍ ରାଜସ୍ଥାନ-ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଓ ଗୁଜୁରାଟ ଗସ୍ତରେ ଯିବେ । ରାଜସ୍ଥାନ ଗସ୍ତରେ ଯାଇ ଶ୍ରୀ ମୋଦୀ ଯୋଧପୁର ବିମାନ ବନ୍ଦରରର ନୂଆ ଟର୍ମିନାଲ କୋଠାର ଉଦ୍‌ଘାଟନ କରିବେ । ୪୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ନୂଆ ଟର୍ମିନାଲ କୋଠା ବାର୍ଷିକ ୨୦ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦେବ । ଶ୍ରୀ ମୋଦୀ ଯୋଧପୁରଠାରେ ମଧ୍ୟ ପରିବର୍ତ୍ତିତ ଉଡାଣ ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନାରେ ବିମାନ ଉଡାଣ ଆଧାରିତ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ୧ଲକ୍ଷ ୬ହଜାର କୋଟି ଟଙ୍କାରୁ ଅଧିକ ବିଭିନ୍ନ ବିକାଶମୂଳକ ଯୋଜନା ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ । ଏହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ପେଟ୍ରୋକେମିକାଲ୍ସ, ରେଳ, ସଡ଼କ, ଶକ୍ତି ଏବଂ ସହରାଞ୍ଚଳ ପରିବହନ ଆଦି କ୍ଷେତ୍ର ରହିଛି । ଶ୍ରୀ ମୋଦୀ ପଚପଦରାଠାରେ ପ୍ରଥମ ଗ୍ରୀନ୍‌ଫିଲ୍ଡ ରିଫାଇନାରୀ ତଥା ପେଟ୍ରୋ କେମିକାଲ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଜୟପୁର ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ଶିଳାନ୍ୟାସ କରିବେ । ଏଥିଲାଗି ୧୩ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି ।

ସଂଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଜୁରାଟ ଗସ୍ତ କରି ସେମିକଣ୍ଡକ୍ଟର ଆସେମ୍ବ୍ଲିଂ ଏବଂ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିବେ । ୭ହଜାର ୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଭାରତର ସେମି କଣ୍ଡକ୍ଟର ନିର୍ମାଣ କ୍ଷେତ୍ରକୁ ଆହୁରି ଉନ୍ନତ କରିବ ବୋଲି କୁହାଯାଇଛି ।

# ଜାପାନ – ପିଏମ୍ ଡେପାରଚର

ନୂଆଦିଲ୍ଲୀରେ ଅନୁଷ୍ଠିତ ଷୋଡଶ ଭାରତ-ଜାପାନ ଶିଖର ସମ୍ମିଳନୀରେ ଯୋଗଦେବା ପରେ ଜାପାନ ପ୍ରଧାନମନ୍ତ୍ରୀ ସାନାୟେ ତାକାଇଚି ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଉଭୟ ଦେଶ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଥିବା କହିଛି ।

ଜାପାନ ଗଣମାଧ୍ୟମ ପକ୍ଷରୁ ଏହି ସମ୍ମିଳନୀକୁ ଅତ୍ୟନ୍ତ ସଫଳ ବୋଲି ବର୍ଣ୍ଣନା କରାଯିବା ସହ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇବ ବୋଲି କୁହାଯାଉଛି ।

# ପିଏମ୍ ମିନିଷ୍ଟ୍ରର୍ସ୍ ଓ୍ୱାର୍କସପ୍

୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀମାନଙ୍କର ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ । ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଷୋଡ଼ଶ ଅର୍ଥକମିଶନ୍‌ଙ୍କ ସୁପାରିଶ ଉପରେ ମତ ବିନିମୟ ହେବ । ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂହଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଅନୁଷ୍ଠିତ

ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ନିଜସ୍ୱ ରାଜସ୍ୱ ସଂଗ୍ରହ ମାଧ୍ୟମରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକର ନିରନ୍ତର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଏହି କର୍ମଶାଳାରେ ଗୁରୁତ୍ୱପ୍ରଦାନ କରାଯିବ । ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ଉପରେ ସୂଚନା ଆଦାନପ୍ରଦାନ, କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସୃଷ୍ଟ ଆହ୍ୱାନର ମୁକାବିଲା ଏବଂ ଅର୍ଥ କମିଶନ୍‌ଙ୍କ ଅନୁଦାନର ସଠିକ୍ ବ୍ୟବହାର ଉପରେ ଏକ ରୂପରେଖ ପ୍ରସ୍ତୁତ କରିବାକୁ ଏହି କର୍ମଶାଳା ମଞ୍ଚପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## କୋଲକାତା ଓରିଏଣ୍ଟେସନ ପ୍ରୋଗ୍ରାମ

କୋଲକାତାର ନିଉ ଟାଉନ୍ ସମ୍ମିଳନୀ କେନ୍ଦ୍ରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପଶ୍ଚିମବଙ୍ଗ ବିଧାନସଭାର ନବ ନିର୍ବାଚିତ ସଦସ୍ୟମାନଙ୍କ ଲାଗି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ଶ୍ରୀ ବିର୍ଲାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀଦଳ ନେତା ରୀତାବ୍ରତ ବାନାର୍ଜୀ, ବାଚସ୍ପତି ରଥିନ୍ଦ୍ର ବୋଷ, ଅନ୍ୟ ରାଜ୍ୟ ବିଧାନସଭାର ବାଚସ୍ପତିଗଣ ଯୋଗ ଦେଇଛନ୍ତି ।

ପ୍ରଶିକ୍ଷଣ ଶିବିରକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ୧୯୪୭ ମସିହାରେ ପଶ୍ଚିମବଙ୍ଗକୁ ଭାରତରେ ମିଶ୍ରଣ କ୍ଷେତ୍ରରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଅତୁଳନୀୟ ଥିଲା । ସେ କହିଛନ୍ତି ପୂର୍ବ ସରକାର ଅମଳରେ ପଶ୍ଚିମବଙ୍ଗରେ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡି ପଡିଥିଲା । ତେବେ ବେଙ୍ଗଲର ଲୋକମାନେ ବାଲାଟ ଜରିଆରେ ପରିବର୍ତ୍ତନ ଆଣିଛନ୍ତି ।

ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଅନେକଗୁଡ଼ିଏ ଅଧିବେଶନ ରହିଛି । ଯେଉଁଥିରେ ବିଧାୟକମାନେ ଯେଭଳି ପ୍ରଭାବଶାଳୀ ଜନନେତା ହୋଇପାରିବେ ଓ ଲୋକମାନଙ୍କ ପ୍ରତି ଉତ୍ତରଦାୟୀ ରହିପାରିବେ ସେ ନେଇ ପ୍ରଶିକ୍ଷଣ ଦିଆଯିବ । ଆସନ୍ତାକାଲି ପଶ୍ଚିମବଙ୍ଗ ବିଧାନସଭାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଶିକ୍ଷଣର ଉଦ୍‌ଯାପନୀ ଦିବସରେ ପଶ୍ଚିମବଙ୍ଗ ରାଜ୍ୟପାଳ ଆର.ଏନ୍.ରବି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ବିର୍ଲା କହିଛନ୍ତି...

**V/O**

# ଅମରନାଥ ଯାତ୍ରା

ବାର୍ଷିକ ଶ୍ରୀ ଅମରନାଥ ଯାତ୍ରା ଆଜି ସକାଳୁ ଜାମ୍ମୁ କାଶ୍ମୀରର ପହଲଗାମ ଏବଂ ବାଲତାଲ୍ ମାର୍ଗରୁ ଆରମ୍ଭ ହୋଇଛି । ୫୭ଦିନ ଧରି ଚାଲିବାକୁ ଥିବା ପବିତ୍ର ଅମରନାଥ ଗୁମ୍ଫା ଦର୍ଶନପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଯାତ୍ରା କରିବାର ସମ୍ଭାବନା ରହିଛି । ୩ହଜାର ୮୮୮ମିଟର ଉଚ୍ଚରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫାରେ ପ୍ରାକୃତିକ ଭାବେ ବରଫରେ

ଶିବଲିଙ୍ଗ ସୃଷ୍ଟି ହୋଇଥାଏ । ଆସନ୍ତା ମାସ ୨୮ ତାରିଖ ରକ୍ଷାବନ୍ଧନ ପର୍ବରେ ଏହି ଯାତ୍ରା ଶେଷ ହେବ । ପ୍ରଥମ ବ୍ୟାଚ୍‌ରେ ଆଜି ସକାଳୁ ନୁନୱାନ ଏବଂ ବାଲତାଲ ଶିବିରରୁ ଶ୍ରଦ୍ଧାଳୁମାନେ ଯାତ୍ରା ଆରମ୍ଭ କରିଥାନ୍ତି । ସୂଚନା ଅନୁଯାୟୀ ଏହି ଯାତ୍ରା କାଳରେ ଅନନ୍ତନାଗ ଜିଲ୍ଲାର ନୁନ୍‌ୱାନରୁ ପହଲଗାମ ପର୍ଯ୍ୟନ୍ତ ୪୮ କିଲୋମିଟର ରାସ୍ତା ରହିଥିବାବେଳେ ଗନ୍ଦେରବଲ ଜିଲ୍ଲାରେ ୧୪ କିଲୋମିଟର ମାର୍ଗ ରହିଛି । ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁବିଧା ବ୍ୟବସ୍ଥା କରାଯାଇଛି । ବିଭିନ୍ନ ସ୍ଥାନରେ ମେଡ଼ିକାଲ କ୍ୟାମ୍ପ, ବିଶ୍ରାମସ୍ଥଳୀ, ଖାଦ୍ୟପାନୀୟ ବ୍ୟବସ୍ଥା ବ୍ୟତୀତ ପାଣିପାଗ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଉଛି । ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି । ଇତିମଧ୍ୟରେ ଆଜି ସକାଳେ ଦ୍ୱିତୀୟ ବ୍ୟାଚ୍ ଶ୍ରଦ୍ଧାଳୁ ଯାତ୍ରା ଆରମ୍ଭ କରିଛନ୍ତି ।

ପବିତ୍ର ଅମରନାଥ ଯାତ୍ରା ଉପଲକ୍ଷେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଅମରନାଥ ଯାତ୍ରା ହେଉଛି ଏକ ପୁରାତନ ଯାତ୍ରା, ଯାହା ଦେଶର ଧାର୍ମିକ ଐତିହ୍ୟ ଓ ପାରମ୍ପରିକ ବିଶ୍ୱାସ ପ୍ରତିଫଳନ ଅଟେ । ଉପରାଷ୍ଟ୍ରପତି ଏହି ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ଯାତ୍ରା କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜଣାଇ ଏକ ପତ୍ର ମାଧ୍ୟମରେ କହିଛନ୍ତି ଏହି ଯାତ୍ରା ଦେଶର ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ଏକତାକୁ ଦର୍ଶାଉଛି । ସେ କହିଛନ୍ତି ବାବା ବର୍ଫାନିଙ୍କ ଦର୍ଶନ ଅତ୍ୟନ୍ତ ପବିତ୍ର, ଯାହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଜୀବନରେ ପରିବର୍ତ୍ତନ

ଆଣିଥାଏ । ତେବେ ଯାତ୍ରା ସମୟରେ ଶ୍ରଦ୍ଧାଳୁମାନଙ୍କୁ ସ୍ୱଚ୍ଛତା ରକ୍ଷାକରିବା, ନିରାପତ୍ତା ଓ ପ୍ରଶାସନ ସମ୍ବନ୍ଧୀୟ ନିୟମ ପାଳିବା, ମୋଟ୍ ଯାତ୍ରା ଖର୍ଚ୍ଚର ୧୦ ପ୍ରତିଶତ ସ୍ଥାନୀୟ ସାମଗ୍ରୀ କିଣିବାରେ ଖର୍ଚ୍ଚ କରିବା ଏବଂ ରକ୍ଷା ବନ୍ଧନରେ 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନ ଅନ୍ତର୍ଗତ ଏକ ଶିବଲିଙ୍ଗ ପ୍ରତିକୃତୀ ଉପହାର ଦେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅମରନାଥ ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜଣାଇ ଏହା ସନାତନ ସଂସ୍କୃତି ପ୍ରତି ସମର୍ପଣ ଭାବ ବୋଲି କହିଛନ୍ତି । ସେ କହିଛନ୍ତି ସମ୍ପୂର୍ଣ୍ଣ ମାର୍ଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ବିଶେଷକରି ସ୍ୱାସ୍ଥ୍ୟ ଏବଂ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଶ୍ରୀ ଶାହା କହିଛନ୍ତି ।

## ମାଇଁ ଭାରତ କନ୍‌କ୍ଲେଭ

କେନ୍ଦ୍ର ଯୁବ ବ୍ୟାପାର ବିଭାଗ ପକ୍ଷରୁ ଆଜି ନୂଆଦିଲ୍ଲୀରେ ମାଇଁ ଭାରତର ଏକ ଶିଳ୍ପ ସଂଘ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଥିରେ ଆସୋଚାମ, ଫିକି, ସିଆଇଆଇ ସମେତ ପ୍ରମୁଖ ଶିଳ୍ପ ସଂଗଠନ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀରେ ଯୁବ ବିକାଶ ଲାଗି ଭବିଷ୍ୟତର ସହଯୋଗ ନିମନ୍ତେ ଶିଳ୍ପ ନେତୃତ୍ୱାଧୀନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି ୨୦୪୭ସୁଦ୍ଧା ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଦେଶର ଯୁବପିଢ଼ୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଯୁବବ୍ୟାପାର ଓ କ୍ରୀଡ଼ା

ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ କହିଛନ୍ତି ସରକାରଙ୍କ ଲକ୍ଷ୍ୟ ହେଉଛି ଶିଳ୍ପସଂଘ ଗୁଡ଼ିକୁ ମାଇଁ ଭାରତ ପ୍ଲାଟଫର୍ମ ସହିତ ସମନ୍ୱୟ କରି ଦକ୍ଷତା ଓ ଅଭିଜ୍ଞତା ବୃଦ୍ଧି କରିବା । ସେ କହିଛନ୍ତି ...

**V/O (Rakhya Khadese-My Bharat)**

## ପାକ୍ ଆକ୍ସିଡେଣ୍ଟ

ପାକିସ୍ତାନର ସେରାନି - ଝୋବ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୪୦ଜଣଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ବଲୁଚିସ୍ତାନ ନିକଟରେ ଘଟିଥିବା ସୂଚନା ମିଳିଛି । ଉଦ୍ଧାରକାର୍ଯ୍ୟ ଜାରି ରହିଛି । ସୂଚନା ଅନୁଯାୟୀ ଏକ ଯାତ୍ରୀବାହୀ ବସ୍ ଖାତ ମଧ୍ୟକୁ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି ।

## ଖାମନେଇ - ଫିନେରାଲ

ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ସ୍ୱର୍ଗତଃ ଆୟୋତୋଲ୍ଲା ସୟେଦ ଅଲ୍ଲୀ ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ତାଙ୍କ ପୁଅ ତଥା ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇ ଯୋଗ ଦେବେ ନାହିଁ । ସୁରକ୍ଷା ଦୃଷ୍ଟିରୁ ସେ ଅନ୍ତିମ ସଂସ୍କାରରେ ଯୋଗ ଦେଉନଥିବା କୁହାଯାଇଛି । ଭାରତରେ ଥିବା ମୋଜତବା ଖାମେନେଇଙ୍କ ପ୍ରତିନିଧି ଆୟୋତୋଲ୍ଲା ହକିମ୍ ଏଲାହୀଙ୍କ ସୂଚନା ଅନୁଯାୟୀ ସର୍ବ ସାଧାରଣରେ ମୋଜତବାଙ୍କ ଉପସ୍ଥିତି ସୁରକ୍ଷା ସମ୍ବନ୍ଧୀୟ ଅସୁବିଧା ସୃଷ୍ଟି କରିବାର ସମ୍ଭାବନା ରହିଛି ।

ପୂର୍ବରୁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଆରାଘାଚି ଆମେରିକାକୁ ଚେତାବନୀ ଦେଇ କହିଥିଲେ ଇରାନ୍ ନେତୃତ୍ୱ ବିରୋଧରେ ଯେକୌଣସି ଧମକ ବା ଭୟର କଡ଼ା ଜବାବ ଦିଆଯିବ । ଇରାନ୍‌ର ସର୍ବୋଚ୍ଚ ନେତା ମୋଜତବା ଖାମେନେଇଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ନେଇ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କହିବା ପରେ ଇରାନ୍ ଏଭଳି ମନ୍ତବ୍ୟ ଦେଇଥିଲା ।

ସୂଚନା ଅନୁଯାୟୀ ଆସନ୍ତାକାଲିଠାରୁ ୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଇରାନ୍ ଏବଂ ଇରାକ୍‌ରେ ପୂର୍ବତନ ସର୍ବୋଚ୍ଚ ନେତା ଅଲ୍ଲୀ ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅନୁଷ୍ଠିତ ହେବ ।

# ଫିଫା-ୱାର୍ଲ୍ଡକପ୍

ଫିଫା ବିଶ୍ୱକପ୍‌ରେ ସ୍ୱିଜରଲ୍ୟାଣ୍ଡ ୨-୦ ଗୋଲରେ ଆଲ୍‌ଜେରିଆକୁ ପରାସ୍ତ କରି ରାଉଣ୍ଡ ୧୬ରେ ପହଞ୍ଚିଛି । ଆସନ୍ତା ମଙ୍ଗଳବାର କ୍ୱାର୍ଟର ଫାଇନାଲ ଲାଗି ହେବାକୁ ଥିବା ମ୍ୟାଚ୍‌ରେ ସ୍ୱିଜରଲ୍ୟାଣ୍ଡ' କଲମ୍ବିଆ କିମ୍ବା ଘାନା ବିପକ୍ଷରେ ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି । ଅନ୍ୟଏକ ମ୍ୟାଚ୍‌ରେ ସ୍ପେନ୍' ୩-୦ରେ ଅଷ୍ଟ୍ରିଆକୁ ପରାସ୍ତ କରି ରାଉଣ୍ଡ ୧୬ରେ ପହଞ୍ଚିଥିବାବେଳେ ପର୍ତ୍ତୁଗାଲ ୨-୧ରେ କ୍ରୋଏସିଆକୁ ପରାସ୍ତ କରି ରାଉଣ୍ଡ ୧୬ରେ ପହଞ୍ଚିଛି । ମଙ୍ଗଳବାରଦିନ ପର୍ତ୍ତୁଗାଲ ଓ ସ୍ପେନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ରାତି ୧୧ଟା ୩୦ ମିନିଟ୍‌ରେ ଅଷ୍ଟ୍ରିଆ ଏବଂ ଇଜିପ୍ଟ

ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବରୁ ବେଲଜିୟମ, ଆମେରିକା, ଇଂଲଣ୍ଡ ରାଉଣ୍ଡ ୧୬ରେ ପହଞ୍ଚି ସାରିଛନ୍ତି । ଆସନ୍ତା ସୋମବାର ଦିନ ଇଂଲଣ୍ଡ ଏବଂ ମେକ୍ସିକୋ ଓ ମଙ୍ଗଳବାର ଦିନ ଆମେରିକା ଏବଂ ବେଲଜିୟମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।